ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ

# କଥାନୀ ଲଥାନୀ

## ( ଅବିଶ୍ୱାସୀ ସାଁଗ୍)

କୋର୍ଡ: P/L/B/-05

ପ୍ରକାଶକ: ପତଙ୍ଗ, ସମ୍ବଲପୁର

ସହାୟତା: ୱିପ୍ରୋ, ବାଙ୍ଗାଲୋର

ବହିର୍ ନାଁ: କଥାନୀ ଲଥାନୀ
(ଅବିଶ୍ୱାସୀ ସାଁଗ୍)
ଶ୍ରେଣୀ: ପହେଲା ଆର୍ ଦ୍ୱିତୀୟ ଶ୍ରେଣୀ
ଭାଷା: ବହୁଭାଷୀ (ସମ୍ବଲପୁରୀ, ଓଡିଆ ଆର୍ ଇଂରାଜୀ)
ପ୍ରସ୍ତୁତି: ପତଙ୍ଗ, ସମ୍ବଲପୁର
ପ୍ରକାଶକ୍: ପତଙ୍ଗ, ସମ୍ବଲପୁର
କଥାନୀ: କଲ୍ୟାଣୀ ଭୋଇ, ଶ୍ରେଣୀ: ୪ର୍ଥ (ସିମେଣ୍ଟ ନଗର ନୋଡାଲ୍ ଉଚ୍ଚ ବିଦ୍ୟାଳୟ)
ପହେଲା ମୁଦ୍ରଣ୍ – ୨୦୨୦
ପ୍ରଥମ ସଂସ୍କରଣ: ୨୦୨୦
ସହାୟତା: ୱିପ୍ରୋ, ବାଙ୍ଗାଲୋର

© PATANG, Sambalpur

# ବହି ବାବଦ୍‌ରେ ପଦେ....



“ଆମର୍ ନିଜର୍ ଜାଗାରେ, ଆମର୍ ଗାଁଭୁଇରେ ବହୁତ୍ ବଢିଆ ବଢିଆ କଥାନୀ, ଲୋକ କଥା ରହିଛେ । ଆଗୋ ସୁରୁ ସୁରୁ ଛୁଆ ମାନେ ରାଏତ୍ ବେଲାକେ ସେ ସବୁ କଥାନୀ କହେବାର୍ କେ ନିଜର୍ ଅଜା, ଆଇ ପାଖେ, ଘରର୍ ବଡ୍‌ଖା ବୁଢାବୁଢୀ ମାନ୍‌କର ପାଖେ ରୁଷନ୍, କଥାନୀ ନାଇଁ କହେଲେ ନାଇଁ ଶୁଁ ବୋଲି କାନ୍ଦନ୍ । ଆର୍ ଘରର୍ ବୁଢାବୁଢୀମାନେ ନିଜର୍ ନାତିନାତେନ୍ ମାନ୍‌କେ, ଛୁଆମାନ୍‌କେ ନିଜର୍ ପାଖେ ଶୁଏଇ କରି କେତେ ସୁନ୍ଦର୍ ସୁନ୍ଦର୍ କଥାନୀ ସବୁ କହୁଥିଲେ । ରାଣୀରଜା ନୁ ଅସୁରେନ୍ ତକ୍, ଚାଁଟି ନୁ ନେଇକରି  ହାତୀ ତକ୍ । ସେସବୁ ଖାଲି କଥାନୀ ନାଇଁ ଥାଇ, ସେସବୁ ସୁନ୍‌ଲାବେଲେ ଛୁଆ ମାନେ ଯେନ୍ ସବୁ ଫଟୁ ନିଜର୍ ମନେ ଗଢନ୍ ସେଟା ସବୁ ଛୁଆ ମାନକର୍ ଚିନ୍ତାଶକ୍ତିକେ ଭି ବଢଉଥିଲା । ହେଲେ ଆଜିର ଇ ମୋବାଇଲ୍ ଆର୍ ଟେଲିଭିଜନ୍ ଦୁନିଆରେ ଇ ସବୁ କଥାନୀ, ଲୋକ୍ କଥା ହଜିଗଲାନ । ନା ଛୁଆମାନେ ସେ ବୁଢାବଢୀ ପାଖେ ଅଛନ୍ ନା ଘରର୍ ବଡ୍ ମାନକର୍ ପାଖେ ସମିୟା ଅଛେ ଯେ, ସେମାନେ ଛୁଆମାନ୍‌କୁ ପାଖେ ବସେଇକରି କଥାନୀ ପଦେ ଦୁଇପଦ କହେବେ । ସବେ ନିଜର୍ ନିଜର୍ କାମେ  ଲାଗିପଡିଛନ୍ ଯେ ଦୁଖ୍‌ସୁଖ ହେବାର୍ କେ ଭି ଆଉ କେହିନାଇନ ।

ଇ ସବୁକେ ନଜର୍‌ରେ ରଖିକରି ଲୁକି ଯାଇଥିବା ସେସବୁ କଥାନୀମାନ୍‌କେ ଫେର୍‌ଥରେ ବାହାର୍‌କେ ଆନ୍‌ବାର୍‌କେ ଆର୍ ସେ ସବୁକେ ନେଇକରି ଛୋଟ୍ ଛୋଟ୍ କଥାନୀ ବହି କରିକିନା ପିଲାକର୍ ପଢା ଅଭ୍ୟାସ୍ କରବାର୍‌କେ ଆମେ ବରଗଡ୍ ଜିଲ୍ଲା ନ ୧୦ ଟା ସ୍କୁଲ୍‌ର ଛୁଆ ଆର୍ ୫ଟା ଗାଁର୍ ଲୋକ୍, ବୁଢାବୁଢୀ ମାନ୍‌କେ ନେଇକରି ଆମେ ଗୁଟେ କଥାନୀ କହେବାର୍ କାର୍ଯ୍ୟକ୍ରମ୍‌ଟେ ରଖିଥିଲୁ । ଇଥି ସଭେ ଆସିକରି ନିଜର୍ ନିଜର୍ କଥାନୀ କହିକରି ସମ୍‌କର୍ ମନ୍ ଖୁସି କରିଥିଲେ  । ଇ “ଅବିଶ୍ବାସ୍ ଫାଗ୍” କଥାନୀଟା ସେନୁ ଶୁନିକରି ବହି ତିଆର୍ କରାଯାଇଛେ । ଆଶା କରୁଛୁ ଇ ବହିଟା ପିଲାକୁ ଖୁସି ଦେବାର୍ ସଂଗେ ତାଁକର୍ ପଢା ଅଭ୍ୟାସହକେ ବଢାବାର୍ କାମ୍‌ରେ ଆସ୍‌ବା ।”



ଚାଁଟି, କେଁଛୋ ଆର୍ କୁଲିହା ତିନ୍‌ହେ ସଁଗାତ୍ ଥିଲେ । ଥରେ ସେମାନେ ବୁଲି ବାହାର୍‌ଲେ । କିଛି ଦୂର୍ ଗଲା ପରେ ଦେଖ୍‌ଲେ ରାସ୍ତାର କେତେଟା ଧାନ୍ ପଡିଛେ । ଆର୍ ଆଗ୍‌କେ ନାଇଁ ଯାଇ କରି ସେମାନେ ସେ ଧାନ୍ ଊଁଡାଲେ ।

ପିମ୍ପୁଡି, କଇଁଛ ଓ କୋକିଶିଆଳୀ ତିନିଜଣ ସାଙ୍ଗ ଥିଲେ । ଥରେ ସେମାନେ ବୁଲି ବାହାରିଲେ । କିଛି ଦୂର ଗଲା ପରେ ଦେଖିଲେ ରାସ୍ତାରେ କେତୋଟି ଧାନ ପଡିଛି । ଆଉ ଆଗକୁ ନ ଯାଇ ସେମାନେ ସେ ଧାନ ଗୁଡିକୁ ଗୋଟାଇଲେ ।

There were three friends; ant, tortoise and jackal. Once they went for a walk. After walking some distance, they found paddy lying on the road. They stopped there and collected that paddy.



କୁଲିହା କହେଲା ଚାଲ ଧାନ୍ ନେଇ କରି କ୍ଷେତେ ବୁନିଦେମା, ଯାହା ଧାନ୍ ଫଲ୍ବା ତାହାକେ କାଟି କରି ସମାନ୍ ସମାନ୍ ତିନ୍ ଭାଗେ ବାଁଟି ନେମା । କେଁଛୋ ଆର୍ ଚାଁଟି ତାର୍ କଥାରେ ରାଜିହେଲେ । ସମସ୍ତେ ମିଶି କରି ଭଲ୍ ଜମି ଗୁଟେ ବାଛ୍ବାର୍କେ ଲାଗ୍ଲେ ।

କୋକିଶିଆଳୀ କହିଲା ଚାଲ ଧାନ ନେଇ ବିଲରେ ବୁଣିଦେବା, ଯାହା ଧାନ ଫଳିବ ତାକୁ ଅମଳକରି ସମାନ ତିନି ଭାଗରେ ବାଣ୍ଟିନେବା । କଇଁଛ ଓ ପିମ୍ପୁଡି ତା କଥାରେ ରାଜି ହେଲେ । ସମସ୍ତେ ମିଶି ଭଲ ଜମି ବାଛିବାକୁ ଲାଗିଲେ ।

Jackal said “Let’s take the paddy and sow it in the field. Whatever it harvests we will divide it into three equal shares. Both tortoise and ant agreed with jackal. Together, they began to choose the best land.



ଚାଁଟି ପାହାଡ୍ ତଲେ ଗୁଟେ ଜମି ଧାନ୍ ଗୃଷ୍ ଲାଗି ଭଲ୍ ଅଛେ ବୋଲି କହେଲା । କୁଲିହା ଆର୍ କେଁଛୋ ଜମି ଦେଖି କରି ରାଜି ହେଲେ । ତିନ୍‌ହେ ତାହାକେ ହଲ୍ କର୍‌ବାର୍‌କେ ବାହାର୍‌ଲେ ।

---

ପିମ୍ପୁଡି ପାହାଡ ତଳେ ଗୋଟିଏ ଜମି ଧାନ ଚାଷ ପାଇଁ ଭଲ ଅଛି ବୋଲି କହିଲା । କୋକିଶିଆଳୀ ଓ କଇଁଛ ଜମି ଦେଖି ରାଜିହେଲେ । ତିନିଜଣ ତାକୁ ହଳ କରିବାକୁ ବାହାରିଲେ ।

---

The ant said that one land at the foot of the hill was good for rice cultivation. Jackal and Tortoise agreed to see it. All three went to plow it.



କୁଲିହ୍ା ପାଖର୍ ପାହ୍ାଡକେ୍ ଦେଖିକରି କହ୍େଲା, ସାଁଗ୍ମାନେ ଇ ପାହ୍ାଡ୍ କେତେବେଲେ ଭି ଆମର୍ ଉପରେ ପଡି ଯାଇପାରେ । ସେଥିର୍ ଲାଗି ତୁମେ ଦୁଇଜନ୍ ହ୍ଲ୍ କରୁଥ, ମୁଇଁ ଯାଉଛେଁ ପାହ୍ାଡ୍କେ ଟେକି ଧର୍ମି । ଇଟା କହ୍ି କରି ଚତୁର୍ କୁଲିହ୍ା ପାହ୍ାଡ୍ ପାଖ୍କେ ଗଲା ଆର୍ ସେନ ଯାଇ କରି ଲୁକି ଗଲା ।

କୋକିଶିଆଳୀ ପାଖରେ ଥିବା ପାହାଡକୁ ଦେଖି କହିଲା, ସାଙ୍ଗମାନେ ଏ ପାହାଡ ଯେ କୌଣସି ମୁହୂର୍ତରେ ଆମ ଉପରେ ପଡିଯାଇ ପାରେ । ତେଣୁ ତୁମେ ଦୁଇ ଜଣ ହଳ କରୁଥାଅ, ମୁଁ ଯାଉଛି ପାହାଡଟାକୁ  ଟେକି ଧରିବି ।  ଏହା କହି ଚତୁର କୋକିଶିଆଳୀ ପାହାଡ ପାଖକୁ ଗଲା ଓ ସେଠି ଯାଇ ଲୁଚି ପଡିଲା  ।

Looking at the nearest hill the jackal said “Friends, this mountain may fall on us at any moment. That’s why two plough, I am going to hold up the hill. With that, the clever jackal went to the hill and hide there.



ବେଲ୍ ବୁଡାକେ ହଲ୍ ସାରି କରି କେଁଛୋ ଆଉ ଚାଁଟି ଥକ୍କା ମାର୍‌ବାର୍‌କେ ପହାଡ୍ ପାଖ୍‌କେ ଗଲେ । ସେତେବେଲ୍‌କେ କୁଲିହା ଶୁଇ ପଡିଛେ ।

---

ସଞ୍ଜ ବେଳକୁ ହଳ କାମ ସାରି କଇଁଛ ଓ ପିମ୍ପୁଡି ଥକ୍କା ମାରିବା ପଇଁ ପାହାଡ ପାଖକୁ ଗଲେ । ସେତେବେଳକୁ କୋକିଶିଆଳୀ ଶୋଇ ପଡିଛି ।

---

In the evening after finishing ploughing, tortoise and ant went to the hill to take a rest. At that moment, the jackal had fallen asleep.



କୁଲିହା ଯେନ୍ତା ଦୁଇ ଜନ୍‌କୁ ଆସ୍‌ବାର ଜାନି ପାର୍‌ଲା ଧଡ୍‌ପଡ୍ ହେଇ ଉଠି ବସ୍‌ଲା । କୁଦାଲ୍‌କେ ପାହାଡ୍‌ଥି ଡେରି ଦେଇ କରି କହେଲା, ସାଁଗ୍‌ମାନେ ପାହାଡ୍ ଭୁଶ୍‌ଡି ପଡିଥିତା ଯେ ମୁଇଁ ତାହାକେ ବହୁତ୍ କଷ୍ଟେ ଧରିଛେଁ ।

କୋକିଶିଆଳୀ ଯେମିତି ଦୁଇ ଜଣଙ୍କୁ ଆସିବାର ଜାଣି ପାରିଲା ଧଡପଡ ହୋଇ ଉଠି ବସିଲା । କୋଦାଳଟାକୁ ପାହାଡରେ ଡେରି ଦେଇ କହିଲା, ସାଙ୍ଗମାନେ ପାହାଡ ଭୁଶୁଡି  ପଡି ଥାଆନ୍ତା ମୁଁ ତାକୁ ବହୁ କଷ୍ଟରେ ଠେଲି ଧରିବାରୁ ଏହା ରହିଛି ।

When he knew they were coming, he was shocked and stood up. Learning the shovel against the hill, he told “Friends! the mountain might have collapsed. I have held it up with great difficulty”.



ଧାନ ବୁନ୍‌ବାର୍‌ନୁ କାଟ୍‌ବାର୍ ତକ୍ ତିନ୍‌ହେଁ ପାଲି କରି ଜୁଗ୍‌ବେ ବୋଲି କଥା ହେଲେ । ହେଲେ କୁଲିହାର୍ ପାଲି କେଭେ ନାଇଁ ଆସେ କି ସେ ଫସଲ୍ ଜୁଗ୍‌ବାର୍‌କେ କେଭେ ନାଇଁ ଯାଏ । ସେଥିର୍ ଲାଗି ଅଧା ଫସଲ୍ ଖରାପ୍ ହେଇ ଗଲା ।

---

ଧାନ ବୁଣିବା ଠାରୁ ଅମଳ ହେବା ଯାଏଁ ତିନି ଜଣ  ପାଳି କରି ଜଗିବେ ବୋଲି ସ୍ଥିର କଲେ । କିନ୍ତୁ କୋକିଶିଆଳୀର ପାଳି କେବେ ଆସେ ନାହିଁ କି ସେ ଫସଲ ଜଗିବାକୁ କେବେ ଯାଏ ନାହିଁ । ସେଥିପାଇଁ ଅଧେ ଫସଲ ନଷ୍ଟ ହୋଇଗଲା ।

---

They decided to watch it in turn starting from sowing to ploughing. Neither the turn of jackal came nor did he go to watch the crop.  Due to that half of the crop had been destroyed.



ଫସଲ କଟା ବେଲ୍ ଆସ୍‌ଲା । ଧାନ୍ ଗଦା ଦେଖି କରି କୁଲିହ୍ବାର୍ ମନେ ଲୋଭ୍ ହେଲା । ସେ କହେଲା, ଭାଇମାନେ ଇଥର ବେଶି ଧାନ୍ ନାଇଁ ହେଇ । ଭାଗ୍ ବାଁଟ୍‌ଲେ ଜନ୍‌କର୍ ଭାଗେ କେତେ ଧାନ୍ ପଡ୍‌ବା । ଚାଲ ଗୁଟେ ଦୌଡା ପ୍ରତିଯୋଗୀତା କର୍‌ମା । ଯିଏ ଇଥି ଜିତ୍‌ବା ସେ ସବୁ ଧାନ୍ ପାଏବା ।

---

ଫସଲ ଅମଳ କରିବାର ସମୟ ଅସିଲା । ଧାନ ଗଦା ଦେଖି କୋକିଶିଆଳୀର ଲୋଭ ହେଲା । ସେ କହିଲା, ଭାଇମାନେ ଏଥର ବେଶି ଧାନ ହୋଇ ନାହିଁ । ଭାଗ ବାଣ୍ଟିଲେ ଜଣକ ଭାଗରେ କେତେ ଧାନ ପଡିବ । ଚାଲ ଗୋଟିଏ ଦୌଡ ପ୍ରତିଯୋଗୀତା କରିବା । ଯିଏ ଏଥିରେ ଜିତିବ ସବୁ ଧାନ ସେ ପାଇବ ।

---

Finally, crop harvesting time reached. Seeing the pile of paddy, jackal became greedy. He said "Brothers, have not harvested much rice this time. If we divide the share, how much rice will fall per share? Let's have a race. The one who wins this, he will take the entire paddy.



କେଁଛୋ ଆର୍ ଚାଁଟି କାଣା କର୍‌ବେ ବାଧ ହେଇ କରି କୁଲିହା କଥାରେ ରାଜି ହେଲେ ଆର୍ ସଭେ ଗୁଟେ ଗଛ୍ ପାଖ୍‌କେ ଯାଇ କରି ଠିଆ ହେଲେ । କୁଲିହା ଚିଲ୍‌ଲେଇ କରି କହେଲା ....ଏଥର ଦୌଡ । ସମସ୍ତେ ଦୌଡ୍‌ବାର୍‌କେ ଲାଗ୍‌ଲେ ।

କଇଁଛ ଓ ପିମ୍ପୁଡି କରିବେ କ'ଣ, ବାଧ ହୋଇ କୋକିଶିଆଳୀ କଥାରେ ରାଜି ହେଲେ ଓ ସଭିଏଁ  ଗୋଟିଏ ଗଛ ପାଖକୁ ଯାଇ ଠିଆ ହେଲେ । କୋକିଶିଆଳୀ  ବଡ ପାଟିରେ କହିଲା...ଏଥର ଦୌଡ । ସମସ୍ତେ ଦୌଡିବାକୁ ଲାଗିଲେ ।

The turtle and the ant were forced to agree with jackal and they all went near a tree and stood there. The jackal said loudly “let’s run”. All started running.



କିଛି ବେଲ୍ ପରେ କୁଲିହା ଧାନ୍ ଗଦା ପାଖ୍‌କେ ଯାଇ କରି ଜୋର୍‌ସେ ରଡ୍‌ଲା ହେ......ମୁଇଁ ଜିତି ଗଲି.....। ହେଲେ ଧାନ୍ ଗଦା ଉପ୍‌ରେ ଚାଁଟି ବସିଥିବାର୍ ଦେଖି କରି ତାର୍ ଭେଲା ବୁଡି ଗଲା ।

ଅଳ୍ପ ସମୟ ପରେ କୋକିଶିଆଳୀ ଧାନ ଗଦା ପାଖକୁ ଯାଇ ବଡ ପାଟିରେ କହିଲା ହେ.....ମୁଁ...... ଜିତି ଗଲି....... । କିନ୍ତୁ ଧାନ ଗଦା ଉପରେ ପିମ୍ପୁଡିକୁ ବସିଥିବାର ଦେଖି ସେ ଅଶ୍ଚର୍ଯ୍ୟ ହେଲା ।

After some time the jackal reached the paddies piles and shouted loudly... “Heeee......I ....won it....” But he was shocked after watching the ant sitting on the paddy piles.



କୁଲିହା ରାଗି କରି କହେଲା.. ଇ କଥା କାଣା ସମ୍ଭବ ଆଏ ? ତୁଇ ମୋର୍ ସାଁଗେ ଦୌଡ୍‌ଲେ ପାର୍‌ବୁ ?
ତୁଇ ମୋର୍ ଆଗ୍‌ରୁ କେନ୍ତା ଆସ୍‌ଲୁ ? କେଁଛୋ ସବୁ କଥା ଶୁନି କରି ଚାଁଟିକେ ପଚ୍‌ରାଲା ସାଁଗ୍ ତୁମେ ଆଗ ଆସ୍‌ଲ କେନ୍ତା ?

କୋକିଶିଆଳୀ ରାଗି ଯାଇ କହିଲା ଏ କଥା କଣ ସମ୍ଭବ, ତୁ ମୋ ସାଙ୍ଗରେ ଦୌଡରେ ପାରିବୁ ? ତୁ ମୋ ଆଗରୁ କେମିତି ଆସିଲୁ ? କଇଁଛ ସବୁ କଥା ଶୁଣି ପିମ୍ପୁଡିକୁ ପଚାରିଲା ସାଙ୍ଗ ତୁମେ ଆଗ ଅସିଲ କିପରି ?

He got angry and shouted how it is possible? Can you make race with me? How did you come before me? The turtle heard everything and asked the ant, "friend, how did you get here?"



ଚାଁଟି କହେଲା କୁଲିହା ଦୌଡ୍ଲା ବେଲେ ମୁଁଇ ତାର୍ ଲେଞ୍ଜ୍କେ ଧରିକରି ଇଠାନେ ପହଂଚିଲି । ପରେ ତାର୍ ଲେଞ୍ଜ୍ରୁ ଡେଗି କରି  ଧାନ୍ ଗଦା ଉପରେ ବସି ପଡ୍ଲି  । ଇକଥା  ଶୁନିକରି କୁଲିହାର ଅକଲ୍ ଗୁଡୁମ୍ ।

ପିମ୍ପୁଡି କହିଲା କୋକିଶିଆଳୀ ଦୌଡିଲା ବେଳେ ମୁଁ ତାର ଲାଞ୍ଜକୁ ଧରି ଏଠାକୁ ପହଂଚିଲା ପରେ ତା ଲାଞ୍ଜରୁ ଡେଇଁପଡି ଧାନ ଗଦା ଉପରେ ବସି ପଡିଲି  । ଏକଥା ଶୁଣି କୋକିଶିଆଳୀର ଅକଲ ଗୁଡୁମ୍ ।

The ant said, "When the jackal ran, I grabbed his tail and got here. I jumped off his tail and sat down on the paddy piles." Hearing this the jackal was shocked.



କେଁଛୋ କହେ୍ଲା ଚାଁଟି ଧାନ୍ ଗଦାକେ ଆଗ ଛୁଇଁଛେ, ସେଥିର୍ ଲାଗି କଥା ଅନୁସାରେ ଧାନ୍ ସବୁ ତାର୍ ହେ୍ଲା ।

କଇଁଛ କହିଲା ପିମ୍ପୁଡି ଧାନ ଗଦାକୁ ଆଗ ଛୁଇଁ ଥିବାରୁ ସର୍ତ୍ତ ଅନୁଯାୟୀ ଧାନ ତକ ତାର ହେ୍ଲା ।

The turtle said the ant touched the paddy field first, on that basis the ant had all the rice.



କେଁଛୋ ଆର୍ ଚାଁଟି କହିଲେ, ଆଜି ଠାରୁ ତୋର୍ ବାଗିର୍ ଅବିଶ୍ୱାସୀ ସାଁଗେ ଆର୍ ସାଁଗ୍ ନାଇଁ ହଉଁ । ଚାଁଟି ଆର୍ କେଁଛୋ ଧାନ୍ ସବୁ ରଖି ଖୁସିରେ ରହେଲେ । କୁଲିହା ମନ୍ ଦୁଃଖେ ସେନୁ ପଲେଇ ଗଲା ।

କଇଁଛ ଓ ପିମ୍ପୁଡି କହିଲେ, ଆଜିଠାରୁ ତୋପରି ଅବିଶ୍ୱାସୀ ସହିତ ସାଙ୍ଗ ହେବୁ ନାହିଁ । ପିମ୍ପୁଡି ଓ କଇଁଛ ଧାନ ତକ ରଖି ଖୁସିରେ ରହିଲେ । କୋକିଶିଆଳୀ ମନ ଦୁଃଖରେ ସେଠାରୁ ଚାଲିଗଲା ।

The turtle and the ant said, "from today, we will not be friends with such incredible" The ant and turtle were happy to leave the paddy. The jackal few in sorrow.

## ପତଙ୍ଗ ବିଷୟରେ......

ପତଙ୍ଗ୍ ଗୋଟିଏ ସ୍ୱେଚ୍ଛା ସେବୀ ସଂଗଠନ । ଯୁବତୀ/ ଯୁବକମାନଙ୍କୁ ସାମାଜିକ ଦାୟିତ୍ୱ ପ୍ରତି ସଚେତନ କରାଇବା ଓ ସାମାଜିକ ନେତୃତ୍ୱ ନେବା ପଇଁ ପ୍ରେରଣା ଯୋଗାଇବା ପତଙ୍ଗର ମୁଖ୍ୟ ଉଦ୍ଦେଶ୍ୟ । ସ୍କୁଲ୍ / କଲେଜ୍‌ର ବିଦ୍ୟାର୍ଥୀ ତଥା ସ୍କୁଲ୍ ଯାଉନଥିବା କିଶୋରୀ / କିଶୋର ମାନଙ୍କ ସହିତ ସମ୍ବଲପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଉପରୋକ୍ତ ଉଦ୍ଦେଶ୍ୟ ନେଇ ପତଙ୍ଗ ୨୦୦୩ ରୁ କାମ କରି ଆସୁଛି ।

## ପତଙ୍ଗ ବିଷୟରେ......

- କଲେଜ୍ ବିଦ୍ୟାର୍ଥୀମାନଙ୍କର ନେତୃତ୍ୱ କୌଶଳ ବିକାଶ ପାଇଁ କାର୍ଯ୍ୟକ୍ରମ ‘ପାଥ୍‌ମେକର୍ସ’(Pathmakers)
- ଯୁବ ସମୂହ ନିଜ ଅଞ୍ଚଳର ବିକାଶରେ ଯୋଗଦାନ ଦେବାପଇଁ କାର୍ଯ୍ୟକ୍ରମ ‘ଗୁଣ୍ଡୁଚିମୂଷା’(Squirrel)
- ବଲାଙ୍ଗୀର୍ ସରକାରୀ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ଯୁବ ବିକାଶ ମାଧ୍ୟମରେ ପତଙ୍ଗର ଏକ ଅଭିନବ ପଦକ୍ଷେପ(Supplementary Education)
- ଯୁବ ପିଢୀ ଓ ଗାଁ ଲୋକଙ୍କ ନେତୃତ୍ୱ ବିକାଶ କରିବା ପାଇଁ ତଥା ସେମାନଙ୍କ ଅଧିକାର ଓ ତାଙ୍କ ନିର୍ମିତ କଲ୍ୟାଣକାରୀ ଯୋଜନା ପାଇଁ ଜିଲ୍ଲା ପ୍ରଶାସନ ସହ ମିଳିତ ଉଦ୍ୟମରେ ପରିଚାଳିତ କାର୍ଯ୍ୟକ୍ରମ ‘ଯୁବସାଥି’(Juba Saathi)
- ଛାତ୍ରଛାତ୍ରୀମାନଙ୍କ ଗୁଣାତ୍ମକ ଶିକ୍ଷାର ଉନ୍ନତି ପାଇଁ ମାତୃଭାଷା  ଆଧାରିତ ବହୁଭାଷୀ  ଶିକ୍ଷା କାର୍ଯ୍ୟକ୍ରମ
- ଝାରଖଣ୍ଡର ଧାନ୍‌ବାଦ୍ ଓ ଛତିଶ୍‌ଗଡର ଜାମୁଲ୍ ଠାରେ ସରକାରୀ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ପରିଚାଳିତ କାର୍ଯ୍ୟକ୍ରମ ‘ବିଦ୍ୟାଉତ୍କର୍ଷ’(Vidyautkarsha)

PATANG


**ଯୋଗାଯୋଗଠିକଣା-**

**ପତଙ୍ଗ**

ଚକବନ୍ଦୀ  ଅଫିସ୍ ପାଖ, ଦେହେରୀପାଲି, ବୁଢ଼ାରଜା, ସମ୍ବଲପୁର

ପିନ୍ ନଂ -୭୬୮୦୦୪, ଫୋନ୍- (୦୬୬୩) ୨୫୩୨୪୯୬

Email–team@patangindia.org, Website- www.patangindia.org